**ମେସର୍ସ ସର୍ଦ୍ଦାର କନଷ୍ଟ୍ରକ୍ସନ୍ କମ୍ପାନୀ**

**ବନାମ**

**ଗୁଜରାଟ ରାଜ୍ୟ**

**ଜାନୁଆରୀ 25, 1999**

**[ଶ୍ରୀମତୀ ସୁଜାତା ଭି. ମନୋହାର ଏବଂ ଆର. ସି. ଲାହୋଟୀ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଗୁଜରାଟ ସାର୍ବଜନୀନ ନିର୍ମାଣ ଚୁକ୍ତି ବିବାଦ ମଧ୍ୟସ୍ଥତା ନ୍ୟାୟାଧିକରଣ ଅଧିନିୟମ, 1992: ଧାରା 8 ଏବଂ 21 ।*

*ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ - ଏହାର ବିଚାରଧୀନତା - 1992 ଅଧିନିୟମ ଆରମ୍ଭ ହେବା ପୂର୍ବରୁ ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟ - 1992 ଅଧିନିୟମ କାର୍ଯ୍ୟକାରୀ ହେବା ସମୟରେ ଅଧିନିର୍ଣ୍ଣୟଟି ଚୂଡ଼ାନ୍ତ ରୂପ ନେଇ ନାହିଁ- ମଧ୍ୟସ୍ଥତା ଅଧିନିୟମର ବ୍ୟବସ୍ଥାଗୁଡ଼ିକର ପ୍ରୟୋଗହୀନତା - 1992 ଅଧିନିୟମ ଅଧୀନରେ ନ୍ୟାୟାଧିକରଣକୁ କାର୍ଯ୍ୟାନୁଷ୍ଠାନର ସ୍ଥାନାନ୍ତରଣ - ବୈଧ ଅଟେ ବୋଲି ନିର୍ଣ୍ଣୟ ନିଆଯାଇଥିଲା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଅପିଲ (ଦେୱାନୀ) ସଂଖ୍ୟା 14668/98 ରୁ ବିଶେଷ ଅନୁମତି ପାଇଁ ଆବେଦନ (ଗୁଡ଼ିକ)

ସି. ଆର. ଏ. ସଂଖ୍ୟା 2283/95 ରେ ଅହମ୍ମଦାବାଦସ୍ଥିତ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 01.05.98 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ କେ. ଜନାନୀ ।

ଉତ୍ତରଦାତାମାନଙ୍କ ତରଫରୁ କେ. ଜି. ଶାହା, ଏ. ପି. ମେଧ ଏବଂ ଶ୍ରୀମତୀ ସୁଚିତ୍ରା ଏ. ଚିତାଲେ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବର୍ତ୍ତମାନର ମାମଲାରେ, ଗୁଜରାଟ ସାର୍ବଜନୀନ ନିର୍ମାଣ ଚୁକ୍ତି ବିବାଦ ମଧ୍ୟସ୍ଥତା ନ୍ୟାୟାଧିକରଣ ଅଧିନିୟମ, 1992 ର ଆରମ୍ଭ ତାରିଖ ଅର୍ଥାତ, 1.1.1994 ପୂର୍ବରୁ ଯଦିଓ ଅଧିନିର୍ଣ୍ଣୟଟି ପ୍ରଦାନ କରାଯାଇଥିଲା, କିନ୍ତୁ ଉକ୍ତ ଅଧିନିୟମ କାର୍ଯ୍ୟକାରୀ ହେବା ସମୟରେ ଏହା ଚୂଡ଼ାନ୍ତ ରୂପ ନେଇନଥିଲା । ଉକ୍ତ ଅଧିନିୟମର ଧାରା 21 ଅନୁଯାୟୀ, ମଧ୍ୟସ୍ଥତା ଅଧିନିୟମର

ବ୍ୟବସ୍ଥାଗୁଡ଼ିକ, ଯେତେ ପର୍ଯ୍ୟନ୍ତ ସେଗୁଡ଼ିକ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ସହିତ ଅସଙ୍ଗତ ହେବ, ସେତେ ପର୍ଯ୍ୟନ୍ତ ସେଗୁଡ଼ିକ ଏକ କାର୍ଯ୍ୟ ଚୁକ୍ତିରୁ ଉପୁଜିଥିବା କୌଣସି ବିବାଦରେ ଲାଗୁ ହେବା ସମାପ୍ତ ହୋଇଯିବ ଏବଂ ଜଣେ ମଧ୍ୟସ୍ଥ, ଅମ୍ପାୟାର, ନ୍ୟାୟାଳୟ କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଏପରି ବିବାଦ ସମ୍ବନ୍ଧରେ ସମସ୍ତ ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣକୁ ସ୍ଥାନାନ୍ତରିତ ହେବ । ବର୍ତ୍ତମାନର ମାମଲାରେ, ବିବାଦ ସମ୍ବନ୍ଧୀୟ ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ନ୍ୟାୟାଳୟରେ ବିଚାରାଧୀନ ଥିଲା ଏବଂ ତେଣୁ ଉଚ୍ଚ ନ୍ୟାୟାଳୟ ଏହି କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ଭାବେ ନ୍ୟାୟାଧିକରଣଙ୍କୁ ସ୍ଥାନାନ୍ତର କରିଛନ୍ତି । ଉକ୍ତ ଅଧିନିୟମର ଧାରା 8 ଅନୁଯାୟୀ, ନ୍ୟାୟାଧିକରଣଙ୍କୁ ଏକ ବିଚାରାର୍ଥେ ପ୍ରେରଣ କରାଯିବା ପରେ, ନ୍ୟାୟାଧିକରଣଙ୍କୁ ଏକ ଅଧିନିର୍ଣ୍ଣୟ ଦେବାକୁ ପଡ଼ିବ, ଯାହାକୁ ଦେୱାନୀ ପ୍ରକ୍ରିୟା ସଂହିତା, 1908 ର ଧାରା 2 ର ଅର୍ଥ ମଧ୍ୟରେ ଏକ ଡିକ୍ରି ବୋଲି ବିବେଚନା କରାଯିବ ଏବଂ ସେହି ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରାଯିବ ।

ତେଣୁ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ବିଚାର ଏବଂ ଉପସଂହାର ସହିତ ଏକମତ । ଏସ୍. ଏଲ୍. ପି. କୁ ଖାରଜ କରାଯାଉଛି ।

ଟି. ଏନ୍. ଏ. ଆବେଦନଟିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**